

## ଇଗନୁ୍ୟ , ନୂଆ ଦିଲ୍ଲୀ ଏବଂ ଭାରତ ସରକାରଙ୍କ ଦକ୍ଷତା ବିକାଶ ମନ୍ତ୍ରଣାଳୟ ମଧ୍ୟରେ ଏମ ଓ ୟୁ

## ଦକ୍ଷତା ବିକାଶ ତାଲିମ କେନ୍ଦ୍ରରେ ଲାଗିବ ଇଗନୁ୍ୟ ସାଇନବୋର୍ଡ଼

ଭୁବନେଶ୍ୱର : ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟ ଇଗନୁ୍ୟ , ନୂଆ ଦିଲ୍ଲୀ ଏବଂ ଭାରତ ସରକାରଙ୍କ ଦକ୍ଷତା ବିକାଶ ମନ୍ତ୍ରଣାଳୟ ମଧ୍ୟରେ ଏକ ଏମଓୟୁ ସ୍ୱାକ୍ଷରିତ ହୋଇଛି । **୧୮ ଜାନୁଆରୀ ୨୦୨୨** ରେ ହୋଇଥିବା ଏହି ଏମଓୟୁ ଅନୁଯାୟୀ ଏଣିକି ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗନୁ୍ୟ) ପଂଜିକୃତ କେନ୍ଦ୍ରଗୁଡିକ ଏଣିକି ଜାତୀୟ ଦକ୍ଷତା ବିକାଶ ତାଲିମ କେନ୍ଦ୍ରର ସହଯୋଗରେ ଆଇ ଟି ଆଇ ଛାତ୍ରଛାତ୍ରୀମାନଙ୍କୁ ସ୍ନାତକ ପାଠ୍ୟକ୍ରମ ପ୍ରଦାନ କରିବେ । କେନ୍ଦ୍ର ସରକାରଙ୍କ ମିନିଷ୍ଟ୍ରୀ ଅଫ ସ୍କିଲ ଡେଭେଲପ୍ମେଣ୍ଟ ଆଣ୍ଡ ଏଣ୍ଟ୍ରେପ୍ରେନେଓରସିପ (ଏମଏସଡିଇ) ପରିଚାଳିତ କେନ୍ଦ୍ର (ନାସନାଲ ସ୍କିଲ ଟ୍ରେନିଂ ଇନିଷ୍ଟିଚ୍ୟୁଟ୍ ) ଗୁଡିକରେ ଏଣିକି ଛାତ୍ରଛାତ୍ରୀଙ୍କୁ ଇଗନୁ୍ୟର ପାଠ୍ୟକ୍ରମ ସମ୍ପର୍କିତ ସୂଚନା ପ୍ରଦାନ କରାଯାଇପାରିବ । ଏହି କେନ୍ଦ୍ର ଗୁଡ଼ିକରୁ ସୂଚନା ପାଇ ପ୍ରାଥୀମାନେ ବ୍ୟାଚଲର ଡ଼ିଗ୍ରୀ ପାଇଁ ତାଙ୍କର ତାଙ୍କର ଯୋଗ୍ୟତା ମୁତାବକ ଆଡମିଶନ ଗ୍ରହଣ କରିପାରିବେ । ୨୦୨୨ ଜାନୁଆରୀ ଅଧିବେଶନ (ସେସନ) ପାଇଁ ପ୍ରାର୍ଥୀମାନେ ଇଗନୁ୍ୟର ଆଞ୍ଚଳିକ କେନ୍ଦ୍ରର ନିର୍ଦ୍ଦେଶକଙ୍କ ସହ ଯୋଗାଯୋଗ କରି ନାମଲେଖା ପର୍ଯ୍ୟାୟରେ ଅଂଶ ଗ୍ରହଣ କରିପାରିବେ । ଆଞ୍ଚଳିକ କେନ୍ଦ୍ର ନିର୍ଦ୍ଦେଶକଙ୍କ ଅଧୀନରେ ଆସୁଥିବା ବିଭିନ୍ନ ସ୍ଥାନରେ ଥିବା ଇଗନୁ୍ୟ କେନ୍ଦ୍ର ଗୁଡିକୁ ଖୁବ ଶୀଘ୍ର ସରକାରୀ ଆଇ ଟି ଆଇ , ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ର (ପିଏମକେକେ) ଏବଂ ଜନ ଶିକ୍ଷଣ ସଂସ୍ଥାନ (ଜେଏସଏସ) ଗୁଡିକର ଲିଷ୍ଟ ମଧ୍ୟ ପ୍ରଦାନ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି । ସେପଟେ ଦକ୍ଷତା ବିକାଶ ତାଲିମ କେନ୍ଦ୍ର ଗୁଡିକ ଇଗନୁ୍ୟର (ଓାର୍କ ସେଣ୍ଟର ) ଭାବେ ସାଇନବୋର୍ଡ଼ , ବ୍ୟାନର ଏବଂ ହୋର୍ଡ଼ିଂସ୍ଗରେ ଉଲ୍ଲେଖ କରିବାକୁ ନିର୍ଦ୍ଦେଶ ରହିଛି ବୋଲି ଭୁବନେଶ୍ୱର ଆଂଚଳିକ କେନ୍ଦ୍ରର ବରିଷ୍ଠ ନିର୍ଦ୍ଦେଶକ ଡ଼ଃ ସୁରେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି ।

### ଯୋଗାଯୋଗ ପାଇଁ ଠିକଣା

ଇଗନୁ୍ୟ ଆଂଚଳିକ କେନ୍ଦ୍ର
ସି-୧, ଇନ୍ଷ୍ଟିଟ୍ୟୁସନାଲ ଏରିଆ ,
ଭୁବନେଶ୍ୱର -୭୫୧୦୧୩

**ଯୋଗାଯୋଗ -0674-୨୯୭୧୦୭୧ ,0674-୨୩୦୧୩୪୮**
**ଇମେଲ –admissionrc21@ignou.ac.in, rcbhubaneswar@ignou.ac.in**